ALL INDIA COORDINATED RESEARCH PROJECT ON CASHEW
Directorate of Research
Orissa University of Agriculture and Technology
Bhubaneswar – 751003

ନମ୍ବର -୧୮୮ ତା ୨୯.୦୮.୨୦୧୮ରିଖ

# ନିଲାମ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅଧିନରେ ଥିବା ସର୍ବଭାରତୀୟ କାଜୁ ଗବେଷଣା ପ୍ରକଳ୍ପ (AICRP on Cashew) ରଣସିଂହପୁର, ଭୁବନେଶ୍ୱରଠାରେ ଥିବା କାଜୁ ଗବେଷଣା କେନ୍ଦ୍ରର ପୁରୁଣା କାଜୁଗଛ ନିଲାମ ହେବାପାଇଁ ସ୍ଥିରୀକୃତ ହୋଇଅଛି ।

ଉକ୍ତ ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ପଞ୍ଜିକୃତ ସଂସ୍ଥା ତା ୩୦.୦୮.୨୦୧୮ ଠାରୁ ତା ୧୯.୦୯.୨୦୧୮ରିଖି ମଧରେ AICRP on Cashew, ଫଳ ବିଜ୍ଞାନ ବିଭାଗ, କୃଷି ମହାବିଦ୍ୟାଳୟ, ଓ.ୟୁ.ଏ.ଟି. ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରୁ ନିଲାମ ଦରଖାସ୍ତ ଫର୍ମ (ମୂଲ୍ୟ ଟ୧୦୦/-) ସଂଗ୍ରହ କରି ଅମାନତ ସ୍ୱରୂପ ଟ୨୫୦୦/- ଓ ପୂରଣ ହୋଇଥିବା ନିଲାମ ଦରଖାସ୍ତ ଫର୍ମ Officer-In-Charge, AICRP on Cashew ଙ୍କ ଠାରେ ନିଜେ କିମ୍ବା ଡାକଦ୍ୱାରା ତା୧୯.୦୯.୨୦୧୮ ରିଖି ଅପରାହ୍ନ ୪ଟା ମଧରେ ଦାଖଲ କରିପାରିବେ । ନିଲାମ ଦରଖାସ୍ତ ଫର୍ମର ମୂଲ୍ୟ ଏବଂ ଅମାନତ ରାଶି "Comptroller, OUAT, Bhubaneswar" ଙ୍କ ନାମରେ ହୋଇଥିବା ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ଗ୍ରହଣ କରାଯିବ । କେବଳ ଅମାନତ ଦାଖଲ କରିଥିବା ସଂସ୍ଥାର ଦରଖାସ୍ତ ଫର୍ମ ବିଚାରକୁ ନିଆଯିବ । ନିଲାମ ପରେ ନିଲାମ ନ ପାଇଥିବା ସଂସ୍ଥାକୁ ତାଙ୍କର ଅମାନତ ଟଙ୍କା ଫେରସ୍ତ କରାଯିବ । ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ସଂସ୍ଥା Officer-In-Charge, AICRP on Cashew ଙ୍କର ନିର୍ଦ୍ଦେଶ ପାଇବା ମାତ୍ରେ ସମସ୍ତ ଟଙ୍କା "Comptroller, OUAT, Bhubaneswar" ଙ୍କ ନାମରେ ହୋଇଥିବା ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ଏକକାଳୀନ ଦାଖଲ କରିବେ ଓ ଗଛକଟା କାର୍ଯ୍ୟ ଯଥା ଗଛ କାଟିବା, ମୂଳ ତାଡିବା, ଝାଟିମାଟି ସଫା କରିବା ଓ କାଠ ବୋହିକରି ନିଜ ଡିପୋକୁ ପଠାଇବା ଆରମ୍ଭ କରିପାରିବେ । ଗଛକଟା ଆରମ୍ଭ ପୂର୍ବରୁ DFO ଙ୍କ ଅନୁମତି ପତ୍ରର ନକଲ Officer-In-Charge, AICRP on Cashew ଙ୍କଠାରୁ ନେଇ ତାହାକୁ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରେ ଦାଖଲ କରି OTT ଅନୁମତି ପତ୍ର ସଂଗ୍ରହ କରିବେ । ଗଛ କାଟିବା କାର୍ଯ୍ୟ ଗଛ କାଟିବା ନିର୍ଦ୍ଦେଶ ପାଇବା ଠାରୁ ଦୁଇସପ୍ତାହ ମଧରେ ଶେଷ କରିବେ ଏବଂ କାର୍ଯ୍ୟଶେଷରେ Officer-In-Charge, AICRP on Cashew ଙ୍କ ଠାରୁ No Claim Certificate ସଂଗ୍ରହ କରିବେ । ଉକ୍ତ ନିଲାମ ଡାକିବାକୁ ଇଚ୍ଛୁକ ସଂସ୍ଥା Office-In-Charge କିମ୍ବା Technical Assistant ଙ୍କ ମୌଖିକ ଅନୁମତି ନେଇ ତା ୩୦.୦୮.୨୦୧୮ଠାରୁ ତା ୧୮.୦୯.୨୦୧୮ ରିଖି ମଧରେ (ସରକାରୀ ଛୁଟି ଦିନ ବ୍ୟତୀତ) ଦିନ ୮ଘଣ୍ଟା ଠାରୁ ୧୨ଘଣ୍ଟା ମଧରେ କାଜୁ ବଗିଚା ବୁଲି ଦେଖିପାରିବେ । ସମସ୍ତ ନିଲାମ ଦରଖାସ୍ତକାରୀ ତା୨୦.୦୯.୨୦୧୮ ଦିବା ୧୧.୩୦ମିନିଟ୍ ସମୟରେ ଅଧକ୍ଷ, Auction Committee-cum- Dean, ବନ ମହାବିଦ୍ୟାଳୟ, ଓ.ୟୁ.ଏ.ଟି, ଭୁବନେଶ୍ୱରଙ୍କ ଦପ୍ତରରେ ଉପସ୍ଥିତ ରହି ନିଲାମ କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ ।

ଗଛ କାଟିଲା ମଧରେ କାଜୁ ଗବେଷଣା କେନ୍ଦ୍ରର କୌଣସି କ୍ଷୟ କ୍ଷତି ଘଟାଇଲେ କିମ୍ବା କାଜୁ ବଗିଚା ମଧରେ ଭୋଜି କରି ମାଦକ ଦ୍ରବ୍ୟ ବ୍ୟବହାର କରିଲେ ନିଲାମ ନେଉଥିବା ସଂସ୍ଥା ତାହାର କ୍ଷତି ପୂରଣ ବହନ କରିବେ ନଚେତ୍ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ।

ନିଲାମ କାର୍ଯ୍ୟକୁ ପରିଚାଳନା କରୁଥିବା ଅଧିକାରୀ କୌଣସି କାରଣରୁ ନିଲାମ ନାକଚ କରିପାରିବେ ଏବଂ ସେଥିପାଇଁ ସେ କାରଣ ଦର୍ଶାଇବାକୁ ବାଧ ନୁହନ୍ତି ।

(ସନ୍ଦୀପ କୁମାର ମୁଖାର୍ଜୀ)
**Officer-In-Charge**
**AICRP on Cashew & Convener**